# ଓଡ଼ିଶାରେ ବୁଦ୍ଧଙ୍କ ପଦଚିହ୍ନ



ଧର୍ମ ବିଚାରଧାରା ଆସିବା ସମୟରୁ ହିଁ ଓଡ଼ିଶାରେ ବୌଦ୍ଧ ଧର୍ମ ରହି ଆସିଛି। ପାଲି ଲେଖାରୁ ଜଣାଯାଏ ଓଡ଼ିଶାର ଦୁଇ ବ୍ୟବସାୟୀ ତପସୁ ଓ ଭଲ୍ଲିକଙ୍କ ସହିତ ବୁଦ୍ଧଙ୍କ ସମ୍ବନ୍ଧ ଥିଲା। ବିଭିନ୍ନ ସାହିତ୍ୟିକ ସୂଚନା ବ୍ୟତୀତ କିମ୍ବଦନ୍ତୀ ଏବଂ ଐତିହାସିକ ତଥ୍ୟ ପ୍ରମାଣିତ କରୁଛି ଯେ, ଖ୍ରୀଷ୍ଟପୂର୍ବ ୨୬୧ରେ ସଂଘଟିତ କଳିଙ୍ଗ ଯୁଦ୍ଧ ପରେ ବୌଦ୍ଧ ଧର୍ମ ଓଡ଼ିଶାରେ ଲୋକପ୍ରିୟତା ଅର୍ଜନ କରିଥିଲା। ଅଶୋକ ବିଭିନ୍ନ ଦେଶକୁ ବୌଦ୍ଧ ଧର୍ମ ଏବଂ ଏହାର ନୀତି ପ୍ରଚାର-ପ୍ରସାର ପାଇଁ ଦୂତମାନଙ୍କୁ ପଠାଇଥିଲେ। ହୁଏନ୍‌ସାଂଙ୍କ ବୌଦ୍ଧ ଧର୍ମ ଓ ଓଡ଼ିଶା ସମ୍ପର୍କିତ ଲେଖା, ଅଶୋକ ଏବଂ ତାଙ୍କ ପୂର୍ବ ସମୟର ସ୍ତୂପର ଅବସ୍ଥିତି, ତାମ୍ର ଫଳକ, ବୌଦ୍ଧ ମୂର୍ତ୍ତି ଓ ପ୍ରତିକୃତି ଆଦି ଓଡ଼ିଶାରେ ବୌଦ୍ଧ ଧର୍ମ ସମ୍ପର୍କରେ ସୂଚନା ପ୍ରଦାନ କରିଥାନ୍ତି । ଅଷ୍ଟମରୁ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଭୌମକର ବଂଶର ଶାସନକାଳରେ ବୌଦ୍ଧଧର୍ମ ଶୀର୍ଷ ସ୍ଥାନରେ ପହଞ୍ଚି ପାରିଥିଲା ।

ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁ ପ୍ରସିଦ୍ଧ ବୌଦ୍ଧସ୍ଥଳୀ ବିକ୍ଷିପ୍ତ ଭାବରେ ରହିଅଛି। ରତ୍ନଗିରି, ଲଳିତଗିରି, ଉଦୟଗିରି ଏବଂ ନିକଟ ଅତିତରେ ଲାଙ୍ଗୁଡି ପାହାଡରୁ ଉତ୍‌ଖନନ ପରେ ବାହାରିଥିବା ବୌଦ୍ଧ କୀର୍ତ୍ତି ଓ ମୂର୍ତ୍ତିକଳା ଓଡ଼ିଶାରେ ବୌଦ୍ଧ ପରମ୍ପରା ବାବଦରେ ସ୍ପଷ୍ଟ ଚିତ୍ର ପ୍ରଦାନ କରେ । ରାଜ୍ୟରେ ଏମିତି କୌଣସି ଜିଲ୍ଲା ନାହିଁ ଯେଉଁଠି ବୁଦ୍ଧ ମୂର୍ତ୍ତି କିମ୍ବା ବୌଦ୍ଧ ଭଗ୍ନାବଶେଷ ମିଳିନାହିଁ। ପ୍ରାଚୀ ଉପତ୍ୟକାର କୁରୁମା ଓ ଚୌରାସି, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ପୁରୀ ଜିଲ୍ଲାର ବିଶ୍ୱନାଥ ପାହାଡ, କଟକର ଚୌଦ୍ୱାର, ଯାଜପୁରର ତାରାପୁର, ବ୍ରଜଗିରି ଓ କାଏମା, ଗଞ୍ଜାମ ଜିଲ୍ଲାର ଜଉଗଡ ଓ ବୁଦ୍ଧଖୋଲ, ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ଓ ଅଯୋଧ୍ୟା, ବରଗଡ ଜିଲ୍ଲାର ଗଣିଆପଲି ଓ ମେଲ୍‌ଛାମୁଣ୍ଡା, ମୟୂରଭଞ୍ଜର ଖିଚିଂ ଓ ବୌଦ୍ଧ ଜିଲ୍ଲାର ବୌଦ୍ଧପୀଠଗୁଡିକ ବୌଦ୍ଧ ଧର୍ମର ମୁଖ୍ୟ କେନ୍ଦ୍ର ହିସାବରେ ପରିଚିତ ଥିଲା। ଭୁବନେଶ୍ୱର ଉପକଣ୍ଠରେ ଏକ ଉତ୍‌ଖନନ ଦ୍ୱାରା ବୌଦ୍ଧ ପୁଣ୍ୟପୀଠ, ବୃହଦାକାୟ ମଠ ଓ ସ୍ତୂପ ଇତ୍ୟାଦିର ସନ୍ଧାନ ମିଳିଛି । ଲଳିତଗିରି, ରତ୍ନଗିରି ଏବଂ ଉଦୟଗିରିକୁ ଓଡ଼ିଶାରେ ବୌଦ୍ଧଧର୍ମର ହୀରକ ତ୍ରିଭୁଜ ଭାବରେ ମାନ୍ୟତା ମିଳିଛି ।

❖ ❖ ❖